### ରାଜ୍ୟ ବିଜେପି ତରଫରୁ **ସର୍ଜିକାଲ ଷ୍ଟ୍ରାଇକ ଦିବସ** ପାଳନ

# ସୀମାପାର ଉତେଜନା ଓ ଉଗ୍ରବାଦକୁ ବଳ ପ୍ରୟୋଗ କରି ଦମନ କରିବାର ସାହସ ଓ କ୍ଷମତା କେବଳ ଭାରତ ପାଖେ ରହିଛି : ବିଜେପି

**ଭୁବନେଶ୍ୱର,ତା.୨୯/୦୯:** ଗତ ଦୁଇ ବର୍ଷ ତଳେ ୨୮,୨୯ ତାରିଖ ମଧ୍ୟ ରାତ୍ରିରେ ଭାରତୀୟ ସୈନ୍ୟମାନଙ୍କ ସାହାସ ଓ ଅଦମ୍ୟ ପ୍ରୟାସରେ ପାକିସ୍ତାନ ସୀମାରେ ସର୍ଜିକାଲ ଷ୍ଟ୍ରାଇକ ଜରିଆରେ ଆତଙ୍କବାଦ ଶିବିରକୁ ବିଧ୍ୱଂସ କରିଥିଲେ । ଏହା ଦ୍ୱାରା ସାରା ବିଶ୍ୱରେ ଭାରତର ଆତଙ୍କବାଦ ବିରୋଧି ନୀତିର ସ୍ପଷ୍ଟ ପ୍ରତୀକ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାରର ସୁଚିନ୍ତିତ ନିଷ୍ପତି ଫଳରେ ଦେଶମାତୃକାର ସ୍ୱାଭିମାନ ଓ ସୁରକ୍ଷା ବଜାୟ ରଖିବା ସହିତ ଭାରତ ବିରୋଧୀ ଶକ୍ତି ବିଚଳିତ ହୋଇଥିଲା । ଏହାକୁ ସ୍ମରଣ କରି ଆଜି ଦେଶ ସମେତ ସମଗ୍ର ରାଜ୍ୟରେ ଆଜିର ଦିବସକୁ ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳନ କରାଯାଇଛି ।

ରାଜଧାନୀ ଭୁବନେଶ୍ୱରରେ ସର୍ଜିକାଲ ଷ୍ଟ୍ରାଇକ ଦିବସ (ଆମ ସୈନିକ - ଆମ ଗୌରବ) ପାଳିତ ହୋଇଯାଇଛି । ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଏହି ଅବସରରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସୀମାପାର ଉତେଜନା ଓ ଉଗ୍ରବାଦକୁ ଏଭଳି ଭାବେ ବଳ ପ୍ରୟୋଗ କରି ଦମନ କରିବାର ସାହସ ଓ କ୍ଷମତା ଭାରତ ପାଖରେ ରହିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଭାରତୀୟ ସେନାର ଆକ୍ରମଣାତ୍ମକ ସାମରିକ କାର୍ଯ୍ୟାନୁଷ୍ଠାନ ଓ ଭବିଷ୍ୟତରେ ଏଭଳି ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ସର୍ଜିକାଲ ଷ୍ଟ୍ରାଇକରୁ ସ୍ପଷ୍ଟ ହୋଇଥିଲା । ମୋଟ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ସବୁ ଦୃଷ୍ଟିରୁ ବିପୁଳ ସଫଳତା ଲାଭ କରିଥିଲା । ଏହା ଦ୍ୱାରା ସମଗ୍ର ବିଶ୍ୱ ଚକିତ ହୋଇଥିଲା । ସର୍ଜିକାଲ ଷ୍ଟ୍ରାଇକ୍ ପରେ ପରେ ଆନ୍ତର୍ଜାତିକ ସୀମାରେଖା ଓ ପ୍ରକୃତ ନିୟନ୍ତ୍ରଣ ରେଖାରେ ପାକିସ୍ତାନୀ ସେନା ଯେଉଁଭଳି ଭାବେ ବାରମ୍ବାର ଏବଂ ଅଧିକରୁ ଅଧିକ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଚାଲିଥିଲା ତାହା ଉପରେ ଏବେ ଲଗାମ ଲାଗିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।  ସର୍ଜିକାଲ ଷ୍ଟ୍ରାଇକ ହେବା ଫଳରେ ଦେଶର ଯବାନମାନଙ୍କ ମନୋବଳ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ବିଚକ୍ଷଣ ବୁଦ୍ଧି ଏବଂ ସ୍ପଷ୍ଟ ଆତଙ୍କବାଦ ବିରୋଧୀ ନୀତି ପାଇଁ ଏହା ସମ୍ଭବ ହୋଇ ପାରିଛି । ସର୍ଜିକାଲ ଷ୍ଟ୍ରାଇକର ପ୍ରତିଟି ଘଟଣା ଉପରେ ଖୋଦ୍ ପ୍ରଧାନମନ୍ତ୍ରୀ ମୋଦୀ ନଜର ରଖିଥିଲେ । ଏହା ଭାରତ ପାଇଁ ଏକ ବିରାଟ ସଫଳତା ବୋଲି ଏହି ସଭାରେ ଉପସ୍ଥିତ ପୂର୍ବତନ ସୈନିକ ଏବଂ ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଥିଲେ । ଏଥି ସହ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ନିଷ୍ପତି ସଂର୍ପକରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ପୂର୍ବତନ ସୈନିକମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଆଲୋଚନା ଚକ୍ରରେ ରାଜ୍ୟ ଉପସଭାପତି ରାଜକିଶୋର ଦାସ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମୀୟ ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, କର୍ଣ୍ଣେଲ ବି.କେ.ବସ୍ତିଆ, କର୍ଣ୍ଣେଲ ଲକ୍ଷ୍ମୀଧର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ବଲାଙ୍ଗୀରଠାରେ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଡ.ଅନୀଲ ଜୈନ, ବିଧାୟକ ଦଳ ନେତା କେ.ଭି.ସିଂହଦେଓ, ପୂର୍ବତନ ସାଂସଦ ସଂଗୀତା କୁମାରୀ ସିଂହଦେଓ, ଜିଲ୍ଲା ସଭାପତି ଭକ୍ତବନ୍ଧୁ ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିତ ହୋଇଯାଇଛି ।

କବିସୂର୍ଯ୍ୟନଗରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମ ଓ ରାଜ୍ୟ ମୁଖପାତ୍ର ଗୋଲକ ପ୍ରସାଦ ମହାପାତ୍ର, ବାରିପଦାରେ ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ଓ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ବଲପୁରରେ ରାଷ୍ଟ୍ରୀୟ ସଂପାଦକ ସୁରେଶ ପୁଜାରୀ ଓ ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ସୁନ୍ଦରଗଡରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ, କନ୍ଧମାଳ ଜିଲ୍ଲା ଫୁଲବାଣୀରେ ଜିଲ୍ଲା ସଭାପତି ଲିଙ୍ଗରାଜ ଦଳବେହେରା ପ୍ରମୁଖଙ୍କ ଉପସ୍ଥିତିରେ ସର୍ଜିକାଲ ଷ୍ଟ୍ରାଇକ ଦିବସ ପାଳିତ ହୋଇଯାଇଛି ।

ଏହା ବ୍ୟତୀତ କଟକ, ନୟାଗଡ, ବ୍ରହ୍ମପୁର, ରାଉରକେଲା, ଅନୁଗୁଳ, ବାଲେଶ୍ୱର ସମେତ ସମସ୍ତ ଜିଲ୍ଲା ସଦର ମହକୁମା ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏହି ଦିବସ ପାଳନ କରାଯାଇଛି ।

**(ବିଜେପି ମିଡିଆ ସେଲ୍)**